# NATIONAL NEWS BULLETIN (ODIA)

**7 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଆସନ୍ତାକାଲି ଲୋକସଭାରେ ହେବ ସ୍ୱତନ୍ତ୍ର ଆଲୋଚନା ।

- ଦେଶମାତୃକା ଏବଂ ସୁରକ୍ଷା ପାଇଁ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ପାଳନ କରାଯାଉଛି ସଶସ୍ତ୍ର ବାହିନୀ ପତାକା ଦିବସ ।

- ଉମିଦ୍ ପୋର୍ଟାଲରେ ଶେଷ ହୋଇଛି ଓ୍ୱାକ୍‌ଅଫ୍ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଅପ୍‌ଲୋଡ ପ୍ରକ୍ରିୟା ।

- ଉତ୍ତର ଗୋଆର ଆର୍‌ପୋରା ନାଇଟ୍‌କ୍ଲବ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ତିନିମ୍ୟାଚ୍ ବିଶିଷ୍ଟ ପୁରୁଷ ହକି ପ୍ରତିଯୋଗିତାରେ ଆଜି ଖେଳାଯିବ ପ୍ରଥମ ମ୍ୟାଚ୍ ।

## ବନ୍ଦେ ମାତରଂ ଡିସ୍କସନ

ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଆସନ୍ତାକାଲି ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦନରେ ଆଲୋଚନା ଆରମ୍ଭ କରିବେ ବୋଲି ଜଣାପଡିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଗତ ସପ୍ତାହର ପ୍ରାରମ୍ଭରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ  ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ମଙ୍ଗଳବାର ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ରିଜିଜୁ ଗଣମାଧ୍ୟମକୁ କହିଥିଲେ ।

## ସଶସ୍ତ୍ର ବାହିନୀ ପତାକା ଦିବସ

ଦେଶ ମାତୃକା ଏବଂ ସୁରକ୍ଷା ପାଇଁ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟ ନେଇ ସଶସ୍ତ୍ରବାହିନୀ ପତାକା ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଏହି ଦିବସ ଅବସରରେ ସଶସ୍ତ୍ରବାହିନୀ ପତାକା ଦିବସ ପାଣ୍ଠିକୁ ଅର୍ଥରାଶି ପ୍ରଦାନ ମାଧ୍ୟମରେ ଦେଶବାସୀ କୃତଜ୍ଞତା ଜ୍ଞାପନ କରିଥାନ୍ତି । କେନ୍ଦ୍ରୀୟ ସୈନିକ ବୋର୍ଡ ଏବଂ ରାଜ୍ୟ ସୈନିକ ବୋର୍ଡ ଦ୍ୱାରା ସେନାବାହିନୀର କର୍ମଚାରୀଙ୍କ ପାଇଁ ଗ୍ରହଣ

କରାଯାଉଥିବା କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକ କ୍ଷେତ୍ରରେ ଏହି ପାଣ୍ଠିକୁ ବିନିଯୋଗ କରାଯାଇଥାଏ । ୧୯୪୯ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।  ଦିବସ ପାଳନ ଅବସରରେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ସଶସ୍ତ୍ରବାହିନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ୧ମାସର ଦରମା  ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ ସ୍ୱେଚ୍ଛାକୃତ ଭାବେ ପାଣ୍ଠିରେ ଯୋଗଦାନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଟଳ ପ୍ରତିବଦ୍ଧତାର ସହିତ ଦେଶ ସୁରକ୍ଷା ନିୟୋଜିତ ଥିବା ପ୍ରତ୍ୟେକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ପାଣ୍ଠିରେ ଆକୁଣ୍ଠ ଅର୍ଥରାଶି ପ୍ରଦାନ କରିବାକୁ ଦେଶବାସୀଙ୍କୁ ଉତ୍ସାହିତ କରିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ସଶସ୍ତ୍ର ବାହିନୀର ନିଃସ୍ୱାର୍ଥପର ସେବାରୂପକ ଋଣକୁ ପରିଶୋଧ କରିବା ସମ୍ଭବ ନୁହେଁ । ତଥାପି ଉଦାରତାର ସହିତ ପାଣ୍ଠିରେ ଦାନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ସେନାମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ସଶସ୍ତ୍ର ବାହିନୀର ପଦାଧିକାରୀ ଏବଂ ଜବାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି

ସେମାନଙ୍କର ଦୃଢ଼ ସେବା, ଅଦମ୍ୟ ମନୋଭାବ ଏବଂ ନିରନ୍ତର ଅବଦାନକୁ ଆଜି ଦେଶବାସୀ ସ୍ୱୀକାର କରୁଛନ୍ତି ।

## ଭିପି-ରାଧାକ୍ରିଷ୍ଣନ

ହରିୟାଣାର ଗୁରଗାଓଁଠାରେ ବ୍ରହ୍ମାକୁମାରୀଙ୍କ ଓମ୍ ଶାନ୍ତି ରିଟ୍ରିଏଟ କେନ୍ଦ୍ରର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ରଜତ ରଶ୍ମିୟାଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଧ୍ୟାନର ଶକ୍ତି ମାଧ୍ୟମରେ ମନ, ବ୍ରହ୍ମାଣ୍ଡ ଏବଂ ଆତ୍ମ ବିଷୟରେ ଗଭୀର ଶତ୍ୟକୁ ବ୍ରହ୍ମାକୁମାରୀମାନେ ଧ୍ୟାନର ଶକ୍ତି ମାଧ୍ୟମରେ ଉନ୍ମୋଚନ କରିଛନ୍ତି ବୋଲି ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି । ସେ କହିଛନ୍ତି ସେମାନଙ୍କର ନିରନ୍ତର ପ୍ରୟାସ ଭାରତ ତଥା ବିଶ୍ୱର ଅଗଣିତ ସାଧକଙ୍କ ପାଇଁ ଶାନ୍ତି, ପବିତ୍ରତା ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିପାରିଛି । ଅର୍ନ୍ତନିହିତ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ସହଜ ଏବଂ ସରଳ ଜୀବନଯାପନ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଉପରେ ମନକୁ ସ୍ଥିର ରଖିବା ଅତ୍ୟନ୍ତ ଜରୁରୀ । ଏହି ଅବସରରେ ଶ୍ରୀ ରାଧାକୃଷ୍ଣନ ଅର୍ନ୍ତନିହିତ ସ୍ୱଷ୍ଟତା ଏବଂ ନୈତିକ ଶକ୍ତିର ଗୁରୁତ୍ୱ ଉପରେ ବାପୁଜୀଙ୍କ ଶିକ୍ଷାକୁ ସ୍ମରଣ କରିଛନ୍ତି । ବର୍ଷବ୍ୟାପୀ ପାଳିତ ହେବାକୁ ଥିବା ରଜତ ଜୟନ୍ତୀ ସମାରୋହ ଶାନ୍ତି, ସଦ୍ଭାବ ଏବଂ ଆଧ୍ୟାତ୍ମିକ କଲ୍ୟାଣକୁ

ପ୍ରୋତ୍ସାହନ ପ୍ରଦାନ କରିବା ସହିତ ବ୍ରହ୍ମାକୁମାରୀ ସଂଗଠନର ମିଶନକୁ ଅଧିକ ସଶକ୍ତ କରିବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

## ରାଜନାଥ-ପ୍ରୋଜେକ୍ଟସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମିତ କେତେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ୭ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ଶ୍ୟୋକ ଟର୍ନେଲ ସମେତ ୧୨୫ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ । ଉଦ୍‌ଘାଟନୀ ସମାରୋହରେ ଶ୍ରୀ ସିଂହ କହିଛନ୍ତି ଏହି ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକ ଭାରତୀୟ ସେନା ଏବଂ ସୀମା ସଡ଼କ ସଂଗଠନ କର୍ମଚାରୀଙ୍କ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରାଉଛି । ଲେହରେ ଶୋକ୍ ଟର୍ଣ୍ଣେଲ, ଲଦାଖରେ ଏକ ପରିବର୍ତ୍ତନକାରୀ ପ୍ରକଳ୍ପ ଭାବେ ଉଭା ହେବା ସହ ଅତ୍ୟଧିକ ଥଣ୍ଡା ସମୟରେ ପାଣିପାଗ ସଂଯୋଗ ତଥା ଯୋଗାଯୋଗ କ୍ଷେତ୍ରକୁ ଗତିଶୀଳ କରିବ । ଶ୍ୟୋକ୍ ଟନେଲଗୁଡ଼ିକ ସେହି ଅଞ୍ଚଳର ବିକାଶ, ପର୍ଯ୍ୟଟନ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଓ ପ୍ରଦାନ କରିବ ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O (Rajnath Singh)**

## ଗୋଆ-ଅଗ୍ନିକାଣ୍ଡ

ଉତ୍ତର ଗୋଆର ଆର୍‌ପୋରା ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ମୁଖ୍ୟତଃ କ୍ଲବର କର୍ମଚାରୀ ଏବଂ ୪ଜଣ ପର୍ଯ୍ୟଟକ ସେଥିମଧ୍ୟରେ ଅନ୍ତର୍ଭୁକ୍ତ । ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ

ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ୬ଜଣ ଏହି ଘଟଣାରେ ଆହତ ହୋଇଛନ୍ତି । ଅଗ୍ନିଶମ, ଜରୁରୀକାଳୀନ ସେବା ଏବଂ ପୁଲସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଅଧିକାଂଶ ବ୍ୟକ୍ତିଙ୍କର ଶ୍ୱାଶରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଥିବା କହିଛନ୍ତି । କ୍ଲବଟି ଅଗ୍ନିସୁରକ୍ଷା ନିୟମ ପାଳନ ଉଲ୍ଲଙ୍ଘନ କରିଥିବା ଜଣାପଡିଛି । ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଗୋଆର ପୁଲିସ ମହାନିର୍ଦ୍ଦେଶକ ଆଲୋକ କୁମାର କହିଛନ୍ତି ଅଗ୍ନିକୁ ନିୟନ୍ତ୍ରଣ କରାଯିବା ସହିତ ମୃତୁଦେହଗୁଡ଼ିକୁ ଉଦ୍ଧାର କରାଯାଇଛି । ଘଟଣାର ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣା ନେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି । ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ ଏବଂ ଉପରାଷ୍ଟ୍ରପତି ରାଧାକୃଷ୍ଣନ  ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣା ବା ସ୍ଥିତି ନେଇ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ସାୱନ୍ତଙ୍କ ସହ ଆଲୋଚନା କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ହଜାର

ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ପ୍ରଦାନ ନେଇ ଘୋଷଣା କରିଛନ୍ତି ।

## ହକି-ସାଉଥ୍ ଆଫ୍ରିକା ଟୁର୍

ଭାରତ-ଦକ୍ଷିଣ ଆଫ୍ରିକା ତିନିମ୍ୟାଚ୍ ବିଶିଷ୍ଟ ପୁରୁଷ ହକି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଆଜି ଖେଳାଯିବ । କେପ୍‌ଟାଉନ୍‌ର ଷ୍ଟେନନବୋସ୍କଠାରେ ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ୯ ଓ ୧୦ ତାରିଖରେ ଅନ୍ୟ ଦୁଇଟି ମ୍ୟାଚ୍ ଖେଳାଯିବ । ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତୀୟ ହକି ଦଳର ଏହା ହେଉଛି ଶେଷ ଆନ୍ତର୍ଜାତିକ ଗସ୍ତ କାର୍ଯ୍ୟକ୍ରମ । ବିଶ୍ୱ ତାଲିକାରେ ଭାରତ ସପ୍ତମ ସ୍ଥାନରେ ଏବଂ ଦକ୍ଷିଣଆଫ୍ରିକା ଦ୍ୱାଦଶ ସ୍ଥାନରେ ରହିଛି । ଏସିଆ କପ୍ ୨୦୨୫ ଟାଇଟଲ ହାସଲ ପରେ ଭାରତୀୟ ହକି ଦଳ ଦକ୍ଷିଣ ଅଫ୍ରିକା ଗସ୍ତରେ ଯାଇଛନ୍ତି । ଏସିଆ କପ୍ ଫାଇନାଲରେ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ଭାରତ ବିଶ୍ୱକପ୍ ପ୍ରତିଯୋଗିତାରେ ନିଜ ସ୍ଥାନକୁ ପକ୍କା କରିଛି ।